## ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ଲାଗି ସ୍ତ୍ରୀଙ୍କ ଭିକ୍ଷାବୃତ୍ତି

ଖଇରା,(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମିରିପୁର ଖଇରା ଗ୍ରାମରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। କିଛିଦିନ ତଳେ ରଘୁନାଥ ଶିଅଳଙ୍କର ସାନ ପୁଅ ମଦ ପିଇବା ପାଇଁ ମା'ଙ୍କୁ ହତ୍ୟା କରି ଏବେ ଜେଲରେ ଅଛନ୍ତି। ବଡ଼ ପୁଅ ମା' ଶୁଦ୍ଧିକ୍ରିୟା ପାଇଁ ଘରକୁ ନ ଆସିବାରୁ ୭୦ ବର୍ଷୀୟ ରଘୁନାଥ ସ୍ତ୍ରୀଙ୍କ ଶୁଦ୍ଧିକ୍ରିୟା ଲାଗି ଭାରାକ୍ରାନ୍ତ ହୋଇପଡିଛନ୍ତି। ସେ ଶନିବାର ଘର ଘର ବୁଲି ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା।

**ସଂକ୍ଷେପରେ**

### କେନ୍ଦୁଝରରେ ମୁଖ୍ୟ ଶାସନ ସଚିବ

କେନ୍ଦୁଝର, ୨୭।୨(ସ୍ୱ.ପ୍ର.): ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କେନ୍ଦୁଝର ଜିଲା ଗସ୍ତରେ ଆସି ଶନିବାର ସନ୍ଧ୍ୟାରେ ପହଞ୍ଚିଛନ୍ତି। ରବିବାର ଜିଲାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡିଛି। ସେହିପରି ସେ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଥିବା ସ୍ଥାନୀୟ ଡି.ଏନ ହାଇସ୍କୁଲକୁ ପରିଦର୍ଶନ କରିବାକୁ ଯିବେ ଏବଂ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟ ଶାସନ ସଚିବ ହେବା ପରେ ପ୍ରଥମ ଥର ପାଇଁ ନିଜ ଜିଲା ଗସ୍ତରେ ଆସିଥିବାରୁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଥିବା ବେଳେ ତାଙ୍କ ସହପାଠୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

### ଭାଜପାର ମଣ୍ଡିଚାଲ ଅଭିଯାନ

ବାଙ୍ଗିରିପୋଷି,୨୭।୨(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ଚାଷୀ ମାରଣନୀତି ପ୍ରତିବାଦରେ ଶନିବାର ବାଙ୍ଗିରିପୋଷିସ୍ଥିତ ଜ୍ୟୋତି ଆଇଟିଆଇ ସମ୍ମିଳନୀ କକ୍ଷରେ ବାଙ୍ଗିରିପୋଷି ଭାଜପା କମିଟି ପକ୍ଷରୁ ଏକ ବୈଠକ କରାଯାଇଥିଲା। ମୟୂରଭଞ୍ଜ ଜିଲା ଭାଜପା ଉପସଭାପତି ଦୋଳଗୋବିନ୍ଦ ବେହେରାଙ୍କ ସଭାପତିତ୍ୱରେ ସଭା ପରିଚାଳନା ହୋଇଥିଲା। ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ଭାଜପା ନେତା ସୁଗଦା ମୁର୍ମୁ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ଜିଲା ହରିଜନ ମୋର୍ଚ୍ଚା ସଭାପତି ଦୀପକ ବେହେରା, ଜିଲା ଯୁବ ମୋର୍ଚ୍ଚା ସଭାପତି ବଳରାମ ସାହୁ, ୨୭ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସଲମିତ ଟୁଡୁ, ୨୭ ଓ ୨୮ ନମ୍ବର ମଣ୍ଡଳ ସଭାପତି ଦୁଲାରାମ କିସ୍କୁ ପ୍ରମୁଖ ଆଗାମୀ ମାର୍ଚ୍ଚ ୪ ଓ ୫ ତାରିଖରେ ମଣ୍ଡିଚାଲ ଅଭିଯାନ ଲାଗି ଆହ୍ୱାନ ଦେଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

ସିମୁଲିଆ, ୨୭।୨(ଡି.ଏନ.ଏ.): ସିମୁଲିଆର ପ୍ରସିଦ୍ଧ ଶକ୍ତିପୀଠ ମା'ଭଗିଆଶୁଣୀରେ ୬୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଚଣ୍ଡିପାଠ ଶନିବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ ନିୟମ ଅନୁସାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ଶୁକ୍ରବାର ମଣ୍ଡପ ତୋରଣ ସଜ୍ଜୀକରଣ, ଅପରାହ୍ନରେ ଅଧିବାସ ଅନୁଷ୍ଠିତ ହୋଇଥିଲା। ଶନିବାର ସକାଳ ୫ଟାରେ ମା'ଭଗିଆଶୁଣୀ ଓ ବାବା ଭୋଗେଶ୍ୱରଙ୍କ ନିକଟରେ ମଙ୍ଗଳାର୍ପଣ ଅଳତୀ, ସକାଳଧୂପ, ମହାସ୍ନାନ ଆଦି ବିଧି ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ରୂପେ ସୂର୍ଯ୍ୟମଣି ପତ୍ରୀ, ଶଙ୍କର୍ଷଣ ମିଶ୍ର, ଦାଶରଥି ଦୀକ୍ଷିତ, ତାପସ କୁମାର ପତ୍ରୀ ପ୍ରମୁଖ ୭ଜଣ ଥିଲେ। ସକାଳ ୮ଟାରେ ସ୍ଥାନୀୟ ପୋଖରୀରୁ ୧୧ଟି ଘଟୋତ୍ତଳନ କରାଯାଇ ଯଜ୍ଞମଣ୍ଡପକୁ ଅଣାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୂତି ହୋଇଥିଲା। ମୁଖ୍ୟ ପଣ୍ଡିତ ରୂପେ ଦୟାନିଧି ପତ୍ରୀଙ୍କ ପରିଚାଳନାରେ ଆଚାର୍ଯ୍ୟ ପର୍ଶୁରାମ ପଣ୍ଡା, ପଦ୍ମତରୁ ଦାଶ, ଚିତ୍ତରଞ୍ଜନ ପତ୍ରୀ, ପ୍ରଶାନ୍ତ କୁମାର ପଣ୍ଡା ଲକ୍ଷ୍ମଣ କୁମାର ତ୍ରିପାଠୀ ଥିଲେ। ମୁଖ୍ୟ କର୍ତ୍ତା ରୂପେ କହ୍ନେଇଚରଣ ନାୟକ, କାର୍ତ୍ତିକ ବେହେରା ଓ ହେମନ୍ତ ଦାଶ ଥିଲେ। ସନ୍ଧ୍ୟାରେ ପ୍ରବଚକ କଳ୍ପତରୁ ଦାଶ ପ୍ରବଚନ ଦେଇଥିଲେ।

# ୮ ଜଙ୍ଗଲରେ ନିଆଁ

ବାରିପଦା ଅଫିସ, ୨୭।୨

ମୟୂରଭଞ୍ଜ ଜିଲାର ବିଭିନ୍ନ ଜଙ୍ଗଲରେ ଶନିବାର ନିଆଁ ଲାଗି ବ୍ୟାପକ କ୍ଷତି ହୋଇଛି। ଜଙ୍ଗଲ ସଂଲଗ୍ନ ଗ୍ରାମକୁ ନିଆଁ ବ୍ୟାପିବା ପରେ ଗ୍ରାମବାସୀ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟା ୨୦ରେ ଅଗ୍ନିଶମ ବାହିନୀର ଗୋଟିଏ ଦଳ ମୋରଡ଼ା ବ୍ଲକର ଦୁର୍ଗାପୁର ଜଙ୍ଗଲ ନିଆଁ ଲିଭାଇବାକୁ ଯାଇଥିଲେ। ୧୧ଟା ୩୩ରେ ବାରିପଦା ସହର ଉପକଣ୍ଠ ମୁନସୀବନ୍ଧ ନିକଟ ଜଙ୍ଗଲରେ ନିଆଁ ଲିଭାଇବାକୁ ଯାଇଥିଲେ ବିଭାଗର ଅନ୍ୟ ଏକ ଦଳ। ଏହାପରେ ଦମକଳ ବାହିନୀ ଖଞ୍ଜାଭଙ୍ଗା, କାଣିମହୁଲୀ, ବେତନଟୀର କୃଷ୍ଣଚନ୍ଦ୍ରପୁର, ବାଁସକାଣ୍ଟିଆ, ବୁଢିଖମାରୀ ଓ ପୁଣି ବୁଢ଼ିଖମାରୀ ଜଙ୍ଗଲରେ ନିଆଁ ଲିଭାଇଥିଲେ। ୪ ଘଣ୍ଟା ମଧ୍ୟରେ ୮ ସ୍ଥାନରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିଲା। ସେହିପରି ବେତନଟୀ, ମୋରଡା, ରାସଗୋବିନ୍ଦପୁର, ବାଙ୍ଗିରିପୋଷି, ବଡ଼ସାହି, ଖୁଣ୍ଟା ଓ ଗୋପବନ୍ଧୁନଗର ଦମକଳ କେନ୍ଦ୍ରରୁ ମଧ୍ୟ ଅଗ୍ନିଶମ ବାହିନୀ ଜଙ୍ଗଲ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

ମହୁଲ ଫୁଲ ସଂଗ୍ରହକାରୀମାନେ ଜଙ୍ଗଲରେ ନିଆଁ ଲଗାଉଥିବା ବେଳେ ଏପରି ସମସ୍ୟା ଉପୁଜିଥିବା ସ୍ଥାନୀୟ ଗ୍ରାମବାସୀ ଆଶଙ୍କା କରିଛନ୍ତି। ତେବେ ଜଙ୍ଗଲରେ ନିଆଁ ନ ବ୍ୟାପିବା ପାଇଁ ଗ୍ରାମ୍ୟ ବନ ସୁରକ୍ଷା ବାହିନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି।


କୃଷ୍ଣଚନ୍ଦ୍ରପୁର ଜଙ୍ଗଲ ଜଳୁଛି।

ଜଙ୍ଗଲ ମଧ୍ୟରେ ପଡ଼ିଥିବା ଶୁଖିଲା ପତ୍ରକୁ ଲାଇନିଂ ବା ମଝିରେ ମଝିରେ ପରିଷ୍କାର କରାଯାଇଥାଏ। ବନ ବିଭାଗ ପକ୍ଷରୁ ଏନେଇ ପ୍ରତିବର୍ଷ ପର୍ଯ୍ୟାପ୍ତ ଅନୁଦାନ ଆସୁଥିବା ବେଳେ କାଗଜପତ୍ରରେ ଏହା କାର୍ଯ୍ୟ ହୋଇଥିବା ଦର୍ଶାଯାଇଛି। ମାତ୍ର ଚଳିତବର୍ଷ ଜଙ୍ଗଲରେ ଲାଗୁଥିବା ନିଆଁ ଉକ୍ତ କାର୍ଯ୍ୟ ପ୍ରତିପାଦନ ଉପରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସୁରକ୍ଷା ନାହିଁ, ମାଛଧରା ବନ୍ଦ କଲେ ମତ୍ସ୍ୟଜୀବୀ

ବାହାନଗା, ୨୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ମାଝିସାହିର ଜଣେ ମତ୍ସ୍ୟଜୀବୀ ମାଛ ଧରିବାକୁ ସମୁଦ୍ରକୁ ଖସି ମୃତ୍ୟୁବରଣ କରିବା ପରେ ମତ୍ସ୍ୟଜୀବୀମାନଙ୍କର ନିଜର ସୁରକ୍ଷା ପ୍ରତି ଚେତା ପଶିଛି। ସମୁଦ୍ର ଭିତରକୁ ମାଛ ଧରିବାକୁ ଗଲାବେଳେ ମତ୍ସ୍ୟଜୀବୀଙ୍କର କୌଣସି ସୁରକ୍ଷା ନ ଥିବା ସେମାନେ କହିଛନ୍ତି। ସେମାନଙ୍କୁ ଲାଇଭ ଜ୍ୟାକେଟ ଓ ଇନସ୍ୟୁରାନ୍ସ ଦେବା ପାଇଁ ଦାବି କରି ମତ୍ସ୍ୟଜୀବୀମାନେ ମାଛଧରା ବନ୍ଦ କରିଛନ୍ତି।

ମାଝିସାହିର ମତ୍ସ୍ୟଜୀବୀ ରଙ୍ଗଲାଲ ମାଝିଙ୍କ ମୃତ୍ୟୁ ପରେ ଅନ୍ୟ ମତ୍ସ୍ୟଜୀବୀମାନେ ଏହାର ପ୍ରତିବାଦ କରିଛନ୍ତି। ସେମାନେ କହିଛନ୍ତି, ଜୀବନକୁ ବାଜି ଲଗାଇ ସମୁଦ୍ରକୁ ଯାଉଛୁ କିନ୍ତୁ ଡଙ୍ଗା ମାଲିକ କିମ୍ବା ସରକାର କୌଣସି ସୁରକ୍ଷା ବ୍ୟବସ୍ଥା କଥା ଧ୍ୟାନ ଦେଉନାହାନ୍ତି। ଲାଇଭ ଜ୍ୟାକେଟ୍ ନଚେତ୍ ଏହା ବଦଳରେ ସରକାରଙ୍କ ତରଫରୁ ୮ଶହ ଟଙ୍କା ସହାୟତା ଯୋଗାଇ ଦେବାକୁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି। ବରଜଦେଉଳିର ଉପରଆଡିଆ ମାଛଧରା ଓ ବିତରଣ କେନ୍ଦ୍ର (ଜେଟି)ରୁ କୌଣସି ମତ୍ସ୍ୟଜୀବୀ ମାଛ ଧରିବାକୁ ଯାଉ ନ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ସହକାରୀ ମତ୍ସ୍ୟ ଅଧିକାରୀ ଗୋପାଳପୁର ଅନନ୍ତ ନାରାୟଣ ଜେନା କହିଛନ୍ତି, ଲାଇଭ ଜ୍ୟାକେଟ ନେଇ ସମୁଦ୍ରକୁ ଯିବା ନିହାତି ଆବଶ୍ୟକ। ଲାଇଭ ଜ୍ୟାକେଟ ପ୍ରଶାସନ ପକ୍ଷରୁ ଯୋଗାଇବାର ବ୍ୟବସ୍ଥା ନାହିଁ। ଯନ୍ତ୍ରୀଚାଳିତ ଡଙ୍ଗାର ମାଲିକମାନେ ଏହା କିଣି ଦେବା କଥା। ଆଗାମୀ ଦିନରେ ଲାଇସେନ୍ସ ସହ ଏସବୁ ଜିନିଷ ଉପରେ କଡ଼ାକଡ଼ି ଭାବେ ତଦାରଖ ହେବ ବୋଲି କହିଛନ୍ତି।

## ବିଷ ପିଇଥିବା ଚାଷୀଙ୍କୁ ଭେଟିଲେ ଭାଜପା ପ୍ରତିନିଧି

ଭଦ୍ରକ ଅଫିସ, ୨୭।୨

ଧାନ ବିକି ନ ପାରି ବିଷ ପିଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବନ୍ଧଗାଁ ପଞ୍ଚାୟତର ଚାଷୀ ରାମକୃଷ୍ଣ ପଣ୍ଡାଙ୍କୁ ଭେଟିଛନ୍ତି ଭାଜପାର ଏକ ପ୍ରତିନିଧି ଦଳ। କେନ୍ଦ୍ର ଭାଜପା ଉପସଭାପତି ମହେଶ୍ୱର ସାହୁ, ରାଜ୍ୟ ଉପସଭାପତି ଶଙ୍କର୍ଷଣ ଜେନା, ଭଦ୍ରକର ନେତା ଡ. ପ୍ରଦୀପ ନାୟକ, ମଙ୍ଗରାଜ ନାୟକ, ସରୋଜ ସାହୁ, ଯୁବ ମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠା, ୨୫ ନଂ. ଜୋନ୍ ସଭାପତି ପ୍ରଭାକର ସାମଲ, ଶଶାଙ୍କ ଦାଶ, ଅଭିମନ୍ୟୁ ପଣ୍ଡା, ଭାଗୀରଥି ମହାକୁଡ଼, ପ୍ରମୋଦ ସାମଲ ପ୍ରମୁଖ ଭେଟି ରାମକୃଷ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ବନ୍ଧଗାଁ ପଞ୍ଚାୟତରେ ଧାନକିଣାରେ ବ୍ୟାପକ ଦୁର୍ନୀତି କରାଯାଉଥିବା ଅଭିଯୋଗ କରିଛି ଭାଜପା। ଧାନ ବ୍ୟବସାୟୀଙ୍କୁ ଅଗ୍ରାଧିକାର ଦିଆଯାଉଥିବା ବେଳେ ଚାଷୀଙ୍କୁ ଉପେକ୍ଷା କରାଯାଉଛି। ଟୋକନ ପାଇ ମଧ୍ୟ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ମଣ୍ଡିରେ ଚାଷୀ ଶୋଷିତ ହେଉଥିବା ଭାଜପା ନେତା ଡ. ନାୟକ ଅଭିଯୋଗ କରି ଉପଜିଲାପାଳଙ୍କ ସହ ଫୋନରେ ଯୋଗାଯୋଗ କରି ସମସ୍ୟା କହିଥିଲେ। ଆଗାମୀ ଦିନରେ ଚାଷୀମାନଙ୍କ ଧାନକୁ ଠିକ୍ ଭାବେ କିଣା ନ ଗଲେ ଏବଂ ଯେଉଁ ଚାଷୀଙ୍କ ଟୋକନ କଟିଯାଇଛି ତାଙ୍କୁ ଆଉଥରେ ଦିଆ ନ ଗଲେ ଭାଜପା ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।


ଭାଜପା ପ୍ରତିନିଧି ଦଳ ଚାଷୀ ରାମକୃଷ୍ଣଙ୍କ ସହ ଆଲୋଚନା କରୁଛନ୍ତି।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ୩ ଗିରଫ

ସାରସକଣା, ୨୭।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଝାରପୋଖରିଆ ପୋଲିସ ଏକ ମାମଲା (ନଂ. ୩୬/୨୧) ରୁଜୁ କରି ୩ଜଣଙ୍କୁ ଗିରଫ କରିଛି।

ସମ୍ପୃକ୍ତ ନାବାଳିକା ଭୁବନେଶ୍ୱରରେ ଥିବା ସୂଚନା ପାଇ ଗତ ୨୬ତାରିଖରେ ଝାରପୋଖରିଆ ପୋଲିସ ସ୍ଥାନୀୟ ପୋଲିସର ସହାୟତା ନେଇଥିଲା। ଝାରପୋଖରିଆ ପୋଲିସର ଏକ ଟିମ୍ ଭୁବନେଶ୍ୱର ଶ୍ୟାମପୁରରେ ଚଢ଼ାଉ କରି ରବୀନ୍ଦ୍ର ମହାରଣାଙ୍କ ଘରୁ ଅଭିଯୁକ୍ତ ଦେବବ୍ରତ ସାହୁଙ୍କ ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ବୟାନ ରେକର୍ଡ କରାଯାଇ ପୋକ୍‌ସୋ ଆକ୍ଟ ଅନୁଯାଇ ଏକ ମାମଲା ରୁଜୁ ହେବା ସହ ମୁଖ୍ୟ ଅଭିଯୁକ୍ତ ଦେବବ୍ରତ ସାହୁ ଏବଂ ତାଙ୍କ ୨ ସହଯୋଗୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୁଦର୍ଶନ ଗାଙ୍ଗେଇ ପ୍ରକାଶ କରିଛନ୍ତି।

## ଚାଉଳ ଦେଇ ରକ୍ଷା ପାଇଗଲେ ଦମ୍ପତି

**ରାଇବଣିଆରେ ହାତୀପଲଙ୍କ ଉତ୍ପାତ**

ରାଇବଣିଆ, ୨୭।୨

ଗତ ୧୫ଦିନ ଧରି ରାଇବଣିଆରେ ଏକ ଗୋଠଖଣ୍ଡିଆ ଦନ୍ତା ଉତ୍ପାତ ଚଳାଇଥିବା ବେଳେ ଶିମିଳିପାଳରୁ ଆଉ ଦୁଇଟି ହାତୀପଲ ଆସି ଲୋକଙ୍କ ନିଦ ହଜାଇଛନ୍ତି। ଗୁରୁବାର ରାତିରେ ନୂଆସାହି ଗାଁର ଜଣେ ବ୍ୟକ୍ତିଙ୍କ ଘରେ ହାତୀ ପଶିଯାଇଥିଲା। ଘର ମାଲିକ ଚାଳଛପର ଚିରି ଦୌଡ଼ି ପଳାଇଯିବାରୁ ସେ ଅଳ୍ପକେ ରକ୍ଷା ପାଇଥିଲେ। ଅନ୍ୟ ଉପାୟ ନ ପାଇ ତାଙ୍କ ସ୍ତ୍ରୀ ଚାଉଳବସ୍ତା ହାତୀ ନିକଟକୁ ଠେଲି ଦେବାରୁ ଚାଉଳ ଖାଇ ହାତୀ ସେଠାରୁ ପଳାଇଯାଇଥିଲା। ଗତ କିଛିଦିନ ତଳେ ଶିମିଳିପାଳରୁ ୧୦ଟି ହାତୀ ପଶ୍ଚିମ ମେଦିନୀପୁରରୁ ବଳମ ଜଙ୍ଗଲ, ରାଇବଣିଆର ଆମ୍ବଡୁମ୍ବା ଓ ଲୁହାପଡ଼ା ଜଙ୍ଗଲରେ ରହି ଆତଙ୍କ ଖେଳାଇଥିଲେ। ଗତ ରାତିରେ ୧୩ଟି ହାତୀ ଥିବା ଅନ୍ୟ ଏକ ପଲ ଲୁହାପଡ଼ା ଜଙ୍ଗଲରେ ରହିଛନ୍ତି। ପୁଣି ଦନ୍ତାହାତୀ ଜଳେଶ୍ୱର ସହରଠାରୁ ମାତ୍ର ୫ କି.ମି. ଦୂର ଶିଖରପୁର ପଞ୍ଚାୟତର ଭାନୁପୁର ଗାଁ ପର୍ଯ୍ୟନ୍ତ ଆସି ବ୍ୟାପକ କ୍ଷତି ଘଟାଇଥିବା ବେଳେ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ରେଞ୍ଜର ସରୋଜ କୁମାର ମହାନ୍ତି ସଦଳବଳେ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ୧୩ଟିକିଆ ହାତୀପଲକୁ ବନ କର୍ମଚାରୀମାନେ ଘଉଡାଇବାକୁ ଚେଷ୍ଟା ଜାରି ରଖିଛନ୍ତି।

## ରେଳ ଧାରଣାରୁ ମୃତଦେହ ଜବତ

ବାରିପଦା ଅଫିସ,୨୭।୨

ବାରିପଦା–ବାଙ୍ଗିରିପୋଷି ରେଳ ଲାଇନର ଭଞ୍ଜପୁର ଷ୍ଟେଶନ ନିକଟସ୍ଥ ଗଳାପୋଲ ପାଖ ରେଳଧାରଣା ନିକଟରୁ ଶନିବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ୧୮ ନଂ. ୱାର୍ଡ ଭଞ୍ଜପୁର ଅଞ୍ଚଳର ସୁଶାନ୍ତ ପଲେଇ। ପରିବାର ଲୋକଙ୍କ କହିବା ଅନୁଯାୟୀ ସୁଶାନ୍ତ ଅପରାହ୍ନରେ ଖାଇସାରି ଘରୁ ବାହାରକୁ ଆସିଥିଲେ। କିଛି ସମୟ ପରେ ତାଙ୍କ ମୃତଦେହ ରେଳ ଧାରଣା ନିକଟରେ ପଡ଼ିଥିବା ଖବର ପାଇଥିଲେ। ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପୂର୍ବକ ମୃତଦେହ ବ୍ୟବଚ୍ଛେଦ କରାଇଛି।

## ୬୫ ୟୁନିଟ୍ ରକ୍ତ ସଂଗୃହୀତ

ରୂପ୍‌ସା,୨୭।୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରସଲପୁର ପଞ୍ଚାୟତ ଅନ୍ତର୍ଗତ କୁଶୁଡ଼ିହା ଶିବ ମନ୍ଦିର ପ୍ରାଙ୍ଗଣରେ ଯୁବ ଛାତ୍ର ବିଜେଡି ଆନୁକୂଲ୍ୟରେ ଜୀବନବିନ୍ଦୁ ଓ ମୋ ପରିବାର ତତ୍ତ୍ୱାବଧାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ଥାନା ଆଇଆଇସି ଅଶୋକ କୁମାର ନାୟକ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ବ୍ଲକ ଚେୟାରମ୍ୟାନ୍ ନାରାୟଣ ପ୍ରଧାନ, ଜିଲା ସମ୍ପାଦକ ବରଦା ପ୍ରସନ୍ନ ବେହେରା, ପ୍ରଭାରୀ ଯାଦବେଶ ମିଶ୍ର ଓ ଶକ୍ତିପଦ ରାୟ, ବିଜେଡି ଯୁବ ସଭାପତି ଦିଲୀପ କୁମାର ମହାନ୍ତି ଓ ପଞ୍ଚାୟତ ସଭାପତି ଅଙ୍କୁର ତରାଇ ପ୍ରମୁଖ ଯୋଗଦେଇଥିଲେ। ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ମହେଶ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ୬ଜଣିଆ ଟିମ୍ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।


ମୁଖ୍ୟଅତିଥି ଆଇଆଇସି ଅଶୋକ ନାୟକ ଶିବିରକୁ ଉଦ୍‌ଘାଟନ କରିଛନ୍ତି।

## ଟ୍ରକ୍ ପଛରେ ପିଟିଲା କାର୍: ଜଣେ ମୃତ

ଭଣ୍ଡାରିପୋଖରୀ, ୨୭।୨ (ଡି.ଏନ.ଏ)

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ପାହିମହୁରା ଶିଳ୍ପ ତାଲିମ ପ୍ରତିଷ୍ଠାନ ସମ୍ମୁଖରେ ଶନିବାର ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବରୁ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ କାର୍ ଧକ୍କା ଦେଇଥିଲା। ଏଥିରେ କାର୍ ଡ୍ରାଇଭର ପୁରୀ ଜିଲା ନିମାପଡ଼ା ଅଞ୍ଚଳର ପ୍ରସନ୍ନ ବେହେରା ଓ ବାଲେଶ୍ୱର ଜିଲା ସୋର ଅଞ୍ଚଳର ଜାନକୀ ପାତ୍ର ଗୁରୁତର ହୋଇଥିଲେ। ଦମକଳ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜାନକୀଙ୍କ ମୃତ୍ୟୁ ହୋଇଥିଲା।

## ଲୋକନାଥ ମନ୍ଦିର ବାର୍ଷିକୋତ୍ସବ


ପୂଜା ପାଉଥିବା ବିଗ୍ରହ।

ଭଦ୍ରକ ଅଫିସ, ୨୭।୨

ଭଦ୍ରକ ସହର ଓଟିମାର୍କେଟ୍‌ସ୍ଥିତ ପ୍ରସିଦ୍ଧ ବାବା ଲୋକନାଥଙ୍କ ମନ୍ଦିରରେ ୭୬ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ଓ ଜିଲା ବାହାରର ୧୦ କୀର୍ତ୍ତନ ଦଳ ଏଥିରେ ସାମିଲ ହୋଇଥିଲେ। ସହରବାସୀ ତଥା ଆଗନ୍ତୁକ ଆଖପାଖ ଗାଁର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସେବାୟତ ବିଜୟ କୁମାର ପାଣି, ଅଜୟ କୁମାର ପାଣି, ସଞ୍ଜୟ କୁମାର ପାଣି, ଗୌରାଙ୍ଗ କର, ତ୍ରିନାଥ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରିଲା ବାର୍ଷିକ ଭାଗବତ ପାରାୟଣ

କୁଆମରା, ୨୭।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦାରେ ଦଶ ବର୍ଷ ଧରି ଭାଗବତ ପାରାୟଣ ଆୟୋଜିତ ହୋଇଆସୁଛି। ଚଳିତ ମାସ ୨୦ତାରିଖରୁ ପୁରୁଣା ବାରିପଦା ଦୁର୍ଗା ମଣ୍ଡପରେ ଭାଗବତ ପାରାୟଣ ଆରମ୍ଭ ହୋଇ ଶନିବାର ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଛି। ଉକ୍ତ ପାରାୟଣରେ କର୍ତ୍ତା ହିସାବରେ ସୁରେନ୍ଦ୍ର ସାହୁ, ଅଗଣି ସାହୁ, ଚିନ୍ତାମଣି ବେହେରା, ଗୋବିନ୍ଦଚନ୍ଦ୍ର ବେହେରା ଉପବାସ ରହି ପୂଜାରେ ବସିଥିଲେ। ପଣ୍ଡିତ ମାନଙ୍କ ମଧ୍ୟରେ ବ୍ୟାସ ଜଗନ୍ନାଥ ପାଢ଼ୀ, ପଣ୍ଡିତ ଚନ୍ଦ୍ରଭାନୁ ପାଢ଼ୀ, ଜଗତଭାନୁ ପାଢ଼ୀ, ମାନସ ଆଚାର୍ଯ୍ୟ ପ୍ରମୁଖ ପୂଜାର୍ଚ୍ଚନା ଓ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ।

## ଜିଲାସ୍ତରୀୟ ପାଲା ସମ୍ମିଳନୀ

ଖଇରା, ୨୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅମରିଆ ଅଗ୍ନିପୁର ପଞ୍ଚାୟତ ଅଧୀନ ପିହାଣଗଡିଆ ଗ୍ରାମରେ ୨ଦିନିଆ ଜିଲାସ୍ତରୀୟ ପାଲା ସମ୍ମିଳନୀ ଗୁରୁବାର ସନ୍ଧ୍ୟାରେ ଆରମ୍ଭ ହୋଇଥିଲା। ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ସମ୍ମିଳନୀକୁ ପରିଷଦ ସଭାପତି ଡ ରାଜକିଶୋର ନାୟକ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଚନ୍ଦ୍ରଶେଖର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଥମେ ମାଟିର ସୁପୁତ୍ର ତଥା ସ୍ୱନାମଧନ୍ୟ ପାଲାଗାୟକ ସ୍ୱର୍ଗତ ଅଭିମନ୍ୟୁ ରାଉଳଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂପତି ମିଶ୍ର, ଅଭ୍ୟର୍ଥନା କମିଟି ସମ୍ପାଦକ ରବୀନ୍ଦ୍ର କୁମାର ନନ୍ଦ, ରାଜ୍ୟ ସମ୍ପାଦକ ବସନ୍ତ କୁମାର ରାଉତ, ଆବାହକ ଉମାକାନ୍ତ ପରିଡା, ଲକ୍ଷ୍ମୀଧର ସ୍ୱାଇଁ, କୈଳାସ ଚନ୍ଦ୍ର ପୃଷ୍ଟି ଓ ଲକ୍ଷ୍ମୀଧର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡିଶାରେ ପାଲା ସଂସ୍କୃତି ବହୁ ପ୍ରାଚୀନ ହୋଇଥିଲେ ମଧ୍ୟ ଶ୍ରୋତା ସଂଖ୍ୟା କମିଯାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପଣ୍ଡିତ ନିତ୍ୟାନନ୍ଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରସିଦ୍ଧ ପାଲାଗାୟକ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

## 'ପ୍ରତିଭାକୁ ଦେଶ ବିକାଶରେ ଲଗାଅ'

**ଟେକ୍ନୋଲୋଜି ବିଜ୍‌ନେସ ଇନ୍‌କ୍ୟୁବେଟର କେନ୍ଦ୍ର ଉଦ୍‌ଘାଟିତ**

ବାଲେଶ୍ୱର ଅଫିସ, ୨୭।୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ କୁଳପତି ପ୍ରଫେସର ଦୀନବନ୍ଧୁ ସାହୁଙ୍କ ଉପସ୍ଥିତିରେ ଟେକ୍ନୋଲୋଜି ବିଜ୍‌ନେସ ଇନ୍‌କ୍ୟୁବେଟର (ଟିବିଆଇ) କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି।

କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ବିଦ୍ୟାର୍ଥୀ ଓ ଶିକ୍ଷକମାନଙ୍କୁ ସମ୍ବୋଧନ କରି ବିଦ୍ୟାର୍ଥୀମାନେ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାର ସାମର୍ଥ୍ୟ ଲାଭ କରିପାରିଲେ ଶିକ୍ଷାର ପ୍ରକୃତ ଉନ୍ନତି ଓ ଦେଶର ବିକାଶ ସମ୍ଭବ ହୋଇପାରିବ ବୋଲି କହିଥିଲେ। ଏହି କେନ୍ଦ୍ର ପ୍ରତିଷ୍ଠା କ୍ଷେତ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ପ୍ରଥମ ପ୍ରୟାସ କରିଥିବା ଗୌରବ ଲାଭ କରିଛି। ଏଥିନିମନ୍ତେ ସରକାରୀ ଅନୁଦାନ କରିବାକୁ ସେ ଯଥାସାଧ୍ୟ ସାହାଯ୍ୟ କରିବେ। ଦେଶରେ ରୋଜଗାରକ୍ଷେତ୍ର ସୃଷ୍ଟି କରିବାରେ ଏମ୍‌ଏସ୍‌ଏମ୍‌ଇ ସହାୟକ ହେବ। ବିଦ୍ୟାର୍ଥୀମାନେ ନିଜର ଅନ୍ତର୍ନିହିତ ପ୍ରତିଭାକୁ ଦେଶବିକାଶରେ ବିନିଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଶାରେ ମତ୍ସ୍ୟ ଓ ପଶୁପାଳନର ଯଥେଷ୍ଟ କ୍ଷେତ୍ର ରହିଥିବା ହେତୁ ଏହା ରୋଜଗାର ସୃଷ୍ଟି କରିବା ଦିଗରେ ଏକ ଉତ୍ତମ ବିକଳ୍ପ। ଏହି ଅବସରରେ ଟିବିଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶାବ୍ୟକ୍ତ କରିଥିଲେ।

ଏହି ଅବସରରେ କୁଳପତି ପ୍ରଫେସର ସାହୁ ଉଦ୍‌ବୋଧନ ଦେଇ ଟିବିଆଇ ପରି ଏକ ଉନ୍ନୟନମୂଳକ ବ୍ୟବସ୍ଥା ଏଠାରେ ବହୁତ ଆଗରୁ କାର୍ଯ୍ୟକାରୀ ହେବାର ଥିଲା। ଏହା ବିଦ୍ୟାର୍ଥୀମାନଙ୍କର ଜ୍ଞାନବିଜ୍ଞାନର ନୂଆ ନୂଆ ଦିଗ ଉନ୍ମୋଚନ କରିବାରେ ସହାୟକ ହେବ। ଭୁବନେଶ୍ୱର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମୃଦ୍ଧ ସହର ହୋଇଥିବା ବେଳେ ବାଲେଶ୍ୱର ବ୍ୟବସାୟ ସମୃଦ୍ଧ ସହର ଭାବେ ପ୍ରତିଷ୍ଠିତ। ଏହି ଟିବିଆଇ ସହାୟତାରେ ବିଦ୍ୟାର୍ଥୀମାନେ ଦେଶର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ସହିତ ସଂଶ୍ଳିଷ୍ଟ ହେବାର ସୁଯୋଗ ଲାଭ କରିବେ ବୋଲି ମତ ଦେଇଥିଲେ। ସେକ୍‌ସନ–୮ କମ୍ପାନୀ ଏଥିନିମନ୍ତେ ଗଠିତ ହୋଇ ଆର୍ଥିକ ସହାୟତା ସରକାରୀ ଓ ବେସରକାରୀ ସ୍ତରରେ ପ୍ରଦାନ କରିବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟନ କରାଯାଇଥିବା ରେସିଡେନ୍‌ସିଆଲ କମ୍ପ୍ଲେକ୍ସର ନାମକୁ 'କ୍ରିଷ୍ଣା ନଦୀ' ନାମରେ ନାମିତ କରିଥିଲେ।



ଉଦ୍‌ଘାଟନୀ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ କୁଳପତି ଦୀନବନ୍ଧୁ ସାହୁ।

